ଭାରତ ସଂଘ ଏବଂ ଅନ୍ୟମାନେ ଇତ୍ୟାଦି

ବନାମ

ତେଜରାମ୍ ପରାଶରାମଜୀ ବମ୍ଭାଟେ ଏବଂ ଅନ୍ୟମାନେ ଇତ୍ୟାଦି

**ମେ 3, 1991**

**[କେ. ଜଗନ୍ନାଥ ଶେଟ୍ଟୀ ଏବଂ ଯୋଗେଶ୍ୱର ଦୟାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ନାଗରିକ ସେବା: ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପିଲାମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରୁଥିବା ପ୍ରାଥମିକ ବିଦ୍ୟାଳୟ - ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଦରମା ଦିଆ ନଯାଇ ବିଦ୍ୟାଳୟ ପାଉଣାରୁ ପାରିତୋଷିକ ପ୍ରଦାନ କରାଯାଉଥିଲା - ଶିକ୍ଷକମାନେ ସରକାରୀ ବିଦ୍ୟାଳୟ ଶିକ୍ଷକମାନଙ୍କ ବେତନ ହାର ଦାବି କରିପାରିବେ ନାହିଁ - ବିଦ୍ୟାଳୟର ଆବଶ୍ୟକତାକୁ ଆକଳନ କରିବା ପାଇଁ ଏବଂ ଆବଶ୍ୟକ ପଦବୀ ସୃଷ୍ଟି କରିବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ସରକାରଙ୍କୁ ବାଧ୍ୟ କରିପାରିବେ ନାହିଁ।*

ଅପିଲକାରୀ, ଅର୍ଥାତ୍, କେନ୍ଦ୍ର ସରକାର ଅମ୍ବାଜରୀସ୍ଥିତ ଗୋଳାବାରୁଦ କାରଖାନାରେ ନିଯୁକ୍ତ କର୍ମଚାରୀମାନଙ୍କ ପିଲାମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟକୁ ଅନୁମୋଦନ ଦେଇଥିଲେ । କର୍ମଚାରୀମାନେ ସେହି ପରିସରରେ, ନିଜସ୍ୱ ଭାବରେ, ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକ ମାଧ୍ୟମିକ ବିଦ୍ୟାଳୟ ଖୋଲିଥିଲେ । ଉତ୍ତରଦାତାମାନେ ସେହି ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଅଟନ୍ତି ଏବଂ ବିଦ୍ୟାଳୟ ଦ୍ୱାରା ପ୍ରାପ୍ତ ପାଉଣା ଏବଂ ଅନ୍ୟାନ୍ୟ ଦାନ ଇତ୍ୟାଦିରୁ ସେମାନଙ୍କୁ ଦେୟ ପ୍ରଦାନ କରାଯାଉଛି । ସେମାନେ ନିଜ ସେବାକୁ ନିୟମିତ କରାଇବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ସମାନ କାମ ପାଇଁ ସମାନ ଦରମା ଦାବି କରିଥିଲେ ।

ନ୍ୟାୟାଧିକରଣ ସେମାନଙ୍କ ଦାବିକୁ ମଞ୍ଜୁର କରିବା ସହ ଭାରତ ସଂଘ ସମେତ ଅପିଲକାରୀମାନଙ୍କୁ କେତେକ ନିର୍ଦ୍ଦେଶ ଦେଇଥିଲେ, ଅର୍ଥାତ୍ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ବର୍ତ୍ତମାନର ସ୍ତରରେ ବିଦ୍ୟାଳୟର କାର୍ଯ୍ୟକଳାପ ଜାରି ରଖିବା ପାଇଁ ଏହାର ଆବଶ୍ୟକତାକୁ ତୁରନ୍ତ ଆକଳନ କରନ୍ତୁ ଏବଂ ନିୟମିତ ଭାବେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପଦବୀ ସୃଷ୍ଟି କରନ୍ତୁ । ନ୍ୟାୟାଧିକରଣ ଆହୁରି ମଧ୍ୟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ

ଦେଇଥିଲେ ଯେ ଏହି ଉଦ୍ଦେଶ୍ୟରେ ପ୍ରସ୍ତୁତ ହେବାକୁ ଥିବା ନିଯୁକ୍ତି ନିୟମ ଅନୁଯାୟୀ ନୂତନ ଭାବେ ସୃଷ୍ଟ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ।

ଭାରତ ସଂଘର ଦେୱାନୀ ଅପିଲ ସଂଖ୍ୟା **233/1991** କୁ ମଞ୍ଜୁରୀ ଦେଇ ଏବଂ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଯୁକ୍ତ ହୋଇନଥିବା ଉତ୍ତରଦାତାମାନଙ୍କ ଦେୱାନୀ ଅପିଲ ସଂଖ୍ୟା **480/1989** କୁ ଖାରଜ କରି ନ୍ୟାୟାଧିକରଣଙ୍କ ଆଦେଶକୁ ବାତିଲ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.** କେନ୍ଦ୍ର ସରକାରଙ୍କ ଦ୍ୱାରା କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ଉତ୍ତରଦାତାମାନଙ୍କୁ ପାରିତୋଷିକ ଆଧାରରେ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା ବୋଲି ନଥିରେ କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । ସେମାନଙ୍କୁ ପ୍ରଥମେ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା ଏବଂ ପରେ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୋଲି କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । ଏହା ନିର୍ବିବାଦିତ ଯେ କେନ୍ଦ୍ର ସରକାର ମାଧ୍ୟମିକ ବିଦ୍ୟାଳୟକୁ ଅନୁମୋଦନ ଦେଇନାହାଁନ୍ତି କିମ୍ବା ସେଥିରେ କୌଣସି ପଦବୀ ସୃଷ୍ଟି କରିନାହାଁନ୍ତି । ଏହା କେବଳ ପ୍ରାଥମିକ ବିଦ୍ୟାଳୟ ଏବଂ ଏହା ସହିତ ଜଡ଼ିତ ପଦବୀଗୁଡ଼ିକୁ ଅନୁମୋଦନ ଦେଇଥିଲେ, ଯେଉଁଥିରେ ନିୟମିତ ଭାବରେ ନିଯୁକ୍ତ ଶିକ୍ଷକମାନେ କାର୍ଯ୍ୟରତ

**2.** ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶଗୁଡ଼ିକ ବାସ୍ତବରେ ବିସ୍ମୟକର, ଯାହାକି କେନ୍ଦ୍ର ସରକାରଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ଅନୁମୋଦନ ଦେବାକୁ ବାଧ କରୁଛି । କେନ୍ଦ୍ର ସରକାର ଏକ ନିଷ୍ପତ୍ତି ନେଇଛନ୍ତି ଯେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଉପର ଶ୍ରେଣୀଗୁଡ଼ିକୁ ଅନୁମୋଦନ ଦେବା କିମ୍ବା ପରିଚାଳନା କରିବାରେ ଏହା ନିଜକୁ ସାମିଲ କରିବେ ନାହିଁ । ଏହା ଏକ ନୀତିଗତ ପ୍ରସଙ୍ଗ ଯେଉଁଥିରେ ଆର୍ଥିକ ଭାର ସାମିଲ ଅଛି । କୌଣସି ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ସରକାରଙ୍କୁ ବ୍ୟୟ ସମ୍ବନ୍ଧୀୟ ନୀତି ପରିବର୍ତ୍ତନ କରିବାକୁ ବାଧ କରିପାରିବେ ନାହିଁ ।

**3.** ଉତ୍ତରଦାତାମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦରମା ଦିଆଯାଉନାହିଁ । କେନ୍ଦ୍ର ସରକାର ଏବଂ ଉତ୍ତରଦାତାମାନଙ୍କ ମଧ୍ୟରେ କୌଣସି ମାଲିକ ଏବଂ ସେବକ ସମ୍ପର୍କ ନାହିଁ । ଉତ୍ତରଦାତାମାନେ ସ୍ଥାନୀୟ ଅଧିକାରୀମାନଙ୍କ ଦ୍ୱାରା ନିଯୁକ୍ତ, ତେଣୁ କେନ୍ଦ୍ର ସରକାର କିପରି ଉତ୍ତରଦାୟୀ ହୋଇପାରିବେ!

**4. ଏପରିକି ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 ର ଧାରା 14 ମଧ୍ୟ ନ୍ୟାୟାଧିକରଣଙ୍କୁ ଉତ୍ତରଦାତାମାନଙ୍କ ପରି କର୍ମଚାରୀମାନଙ୍କ ସେବା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ପଦକ୍ଷେପ ନେବା ପାଇଁ କୌଣସି କ୍ଷେତ୍ରାଧିକାର, କ୍ଷମତା କିମ୍ବା ପ୍ରାଧିକାରିତା ପ୍ରଦାନ କରେ ନାହିଁ । ଉତ୍ତରଦାତାମାନେ ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ଗ୍ରହଣୀୟ ବେତନ ହାର ଦାବି କରିପାରିବେ ନାହିଁ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସେମାନଙ୍କ ସେବାକୁ ନିୟମିତ କରାଇବା ପାଇଁ ମଧ୍ୟ ଦାବି କରିପାରିବେ ନାହିଁ ।**

**5. ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶଗୁଡ଼ିକ ସ୍ପଷ୍ଟତଃ ନ୍ୟାୟସଙ୍ଗତ ନୁହେଁ ଏବଂ ଏଗୁଡ଼ିକ ଆଇନଗତ ଭାବେ ପ୍ରାଧିକାରିତାହୀନ ଅଟେ, ସେଥିପାଇଁ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ । [688F]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 233/1991 ଇତ୍ୟାଦି

ଓ. ଏ. ସଂଖ୍ୟା 58/1988 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ବମ୍ବେ ନ୍ୟାୟପୀଠଙ୍କ 21.6.1988 ର ରାୟ ଏବଂ ଆଦେଶରୁ ଏହି ଅପିଲ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ଭି. ସି. ମହାଜନ, ଏସ୍. ଏନ୍. ତେରଡାଲ, ଏ. କେ. ଶ୍ରୀବାସ୍ତବ, ସି. ଭି. ସୁବ୍ବା ରାଓ, ଏସ୍. କେ. ଗମ୍ଭୀର, ଡ. ବି. ଏଲ୍. ୱାଧେରା, ସୁଦର୍ଶନ ମେନନ, ପି. ପରମେଶ୍ୱରନ ଏବଂ ଜି. ଡି. ଗୁପ୍ତା ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି କେ. ଜଗନ୍ନାଥ ଶେଟ୍ଟୀଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା -

କେନ୍ଦ୍ର ସରକାର ଅମ୍ବାଜରୀସ୍ଥିତ ଗୋଳାବାରୁଦ କାରଖାନାରେ ନିଯୁକ୍ତ କର୍ମଚାରୀମାନଙ୍କ ପିଲାମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏକ ପ୍ରାଥମିକ ବିଦ୍ୟାଳୟକୁ ଅନୁମୋଦନ କରିଛନ୍ତି ଏବଂ ପରିଚାଳନ କରୁଛନ୍ତି । ଗୋଳାବାରୁଦ କାରଖାନାର ଏହି କର୍ମଚାରୀମାନେ ସେହି ପରିସରରେ, ସେମାନଙ୍କ ନିଜସ୍ୱ ବ୍ୟବସ୍ଥା ଦ୍ୱାରା, ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକ ମାଧ୍ୟମିକ ବିଦ୍ୟାଳୟ ଖୋଲିଛନ୍ତି । ସେମାନେ ଉତ୍ତରଦାତାମାନଙ୍କୁ ସେହି ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ ନିଯୁକ୍ତ କରିଛନ୍ତି । ସେମାନଙ୍କୁ ପୂର୍ଣ୍ଣ ଦରମା ନୁହେଁ ବରଂ ପାରିତୋଷିକ ଦିଆଯାଏ । ପିଲାମାନଙ୍କ ଠାରୁ ପ୍ରାପ୍ତ ପାଉଣା ଏବଂ ବିଦ୍ୟାଳୟ ଦ୍ୱାରା ପ୍ରାପ୍ତ ଅନ୍ୟାନ୍ୟ ଦାନ ଇତ୍ୟାଦିରୁ ସେମାନଙ୍କୁ ପାରିତୋଷିକ ପ୍ରଦାନ କରାଯାଏ । ତେବେ,

ଉତ୍ତରଦାତାମାନେ ସେମାନଙ୍କ ସେବାକୁ ନିୟମିତ କରାଇବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ସମାନ କାମ ପାଇଁ ସମାନ ଦରମା ଦାବି କରିଥିଲେ । ନ୍ୟାୟାଧିକରଣ ସେମାନଙ୍କ ଦାବିକୁ ମଞ୍ଜୁର କରିବା ସହିତ ଭାରତ ସଂଘ ସମେତ ଅପିଲକାରୀମାନଙ୍କୁ କେତେକ ନିର୍ଦ୍ଦେଶ ଦେଇଥିଲେ । ନ୍ୟାୟାଧିକରଣଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକ ନିମ୍ନରେ ଦିଆଗଲା:

> "(i) ବର୍ତ୍ତମାନର ସ୍ତରରେ ବିଦ୍ୟାଳୟର କାର୍ଯ୍ୟକଳାପ ଜାରି ରଖିବା ପାଇଁ ଏହାର ଆବଶ୍ୟକତାକୁ ଏବଂ ଏହି ଉଦ୍ଦେଶ୍ୟରେ ଆବଶ୍ୟକ ଅତିରିକ୍ତ ଶିକ୍ଷକଙ୍କ ସଂଖ୍ୟାକୁ ଉତ୍ତରଦାତାମାନେ ତୁରନ୍ତ ଆକଳନ କରିବେ; (ii) ଆବଶ୍ୟକ ଶିକ୍ଷକ ସଂଖ୍ୟାର ଆକଳନ କରିବା ପରେ, ଉତ୍ତରଦାତାମାନେ ନିୟମିତ ଭାବେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପଦବୀ ସୃଷ୍ଟି କରିବାକୁ ଅଗ୍ରସର ହେବେ; (iii) ଉପରୋକ୍ତ ପ୍ରକ୍ରିୟା ସମାପ୍ତ କରିବା ପରେ ଉତ୍ତରଦାତାମାନେ ଏହି ଉଦ୍ଦେଶ୍ୟରେ ପ୍ରସ୍ତୁତ ହେବାକୁ ଥିବା ନିଯୁକ୍ତି ନିୟମ ଅନୁଯାୟୀ ନୂତନ ଭାବେ ସୃଷ୍ଟ ପଦବୀ ପୂରଣ କରିବାକୁ ପଦକ୍ଷେପ ନେବେ । ଅତୀତରେ ଶିକ୍ଷକ ଭାବରେ କାର୍ଯ୍ୟ କରିଥିବା ପ୍ରାର୍ଥୀମାନଙ୍କୁ ପଦବୀରେ ନିଯୁକ୍ତି ପାଇଁ ପ୍ରଥମେ ବିଚାର କରାଯିବା ଉଚିତ ଏବଂ ଯଦି ସେମାନେ ଅନୁପଯୁକ୍ତ ବୋଲି ଜଣାପଡ଼ନ୍ତି, କେବଳ ତେବେ ହିଁ ନିଯୁକ୍ତି ଏକ୍ସଚେଞ୍ଜ୍ ପରି ଉତ୍ସରୁ ପ୍ରାର୍ଥୀମାନଙ୍କୁ ବିଚାର କରାଯିବା ଉଚିତ; (iv) ଉପରୋକ୍ତ ପ୍ରକ୍ରିୟା ସମାପ୍ତ ହେବା ପରେ, ମନୋନୀତ ସମସ୍ତ ବ୍ୟକ୍ତି ନିୟମିତ ଭାବେ ନିଯୁକ୍ତ ହେବା ଉଚିତ ଏବଂ ପ୍ରାଥମିକ ବିଦ୍ୟାଳୟର ନିୟମିତ ଶିକ୍ଷକଙ୍କ ପାଇଁ ଗ୍ରହଣୀୟ ପାରିଶ୍ରମିକ ସେମାନେ ପାଇବା ଉଚିତ; (v) ପିଅନ ପଦବୀଗୁଡ଼ିକ ପାଇଁ ମଧ୍ୟ ଏହିପରି ସମାନ ପ୍ରକ୍ରିୟା ଅବଲମ୍ବନ କରାଯିବା ଉଚିତ, ଯାହାଦ୍ୱାରା ଶ୍ରୀ ଟାଡାସଙ୍କୁ ନିୟମିତ ନିଯୁକ୍ତି ପାଇଁ ପ୍ରତିଯୋଗିତା କରିବାର ଏକ ସୁଯୋଗ ମିଳିବ; (vi) ଉପରୋକ୍ତ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ, ଯାହା 1989-90 ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ କରାଯିବ ବୋଲି ଆମ୍ଭେ ଆଶା କରୁଛୁ, ବର୍ତ୍ତମାନର ପ୍ରକ୍ରିୟା ଜାରି ରହିପାରିବ ଏବଂ ଯେଉଁ ପ୍ରାର୍ଥୀମାନେ ନିଯୁକ୍ତି ପାଇଁ ମନୋନୀତ ହେବେ, ସେମାନେ ପୂର୍ବ ପରି ସମାନ ସେବା ସର୍ତ୍ତାବଳୀ ବଶବର୍ତ୍ତୀରେ ରହିବେ" ।

ଭାରତ ସଂଘ ଏବଂ ଗୋଳାବାରୁଦ କାରଖାନାର ଅଧିକାରୀମାନେ ଦେୱାନୀ ଅପିଲ ସଂଖ୍ୟା 233/1991 ରେ ଦିଆଯାଇଥିବା ଏହି ନିର୍ଦ୍ଦେଶଗୁଡ଼ିକର ବୈଧତାକୁ ଆପତ୍ତି କରିଛନ୍ତି । ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଯୁକ୍ତ ହୋଇନଥିବା ଉତ୍ତରଦାତାମାନେ ଦେୱାନୀ ଅପିଲ ସଂଖ୍ୟା 480/1989 ଦାୟର କରିଛନ୍ତି ।

ନଥିରେ ଥିବା ତଥ୍ୟର ପରିପ୍ରେକ୍ଷୀରେ ଆମ୍ଭେ ଉଭୟ ପକ୍ଷର ଅଧିବକ୍ତାଙ୍କ ଉପସ୍ଥାପନା ଉପରେ ବିଚାର କରିଛୁ । ପ୍ରାରମ୍ଭରେ, ଆମ୍ଭେ ଦର୍ଶାଇ ପାରିବୁ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ଉତ୍ତରଦାତାମାନଙ୍କୁ ପାରିତୋଷିକ ଆଧାରରେ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା ବୋଲି କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । ସେମାନଙ୍କୁ ପ୍ରଥମେ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା ଏବଂ ପରେ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମଧ୍ୟ କୌଣସି ସାକ୍ଷ୍ୟ ପ୍ରମାଣ ନାହିଁ । କିନ୍ତୁ ବାସ୍ତବତା ହେଉଛି ଯେ ଯେତେବେଳେ ଉତ୍ତରଦାତାମାନେ ପ୍ରତିକାର ନିମନ୍ତେ ନ୍ୟାୟାଧିକରଣଙ୍କ ନିକଟକୁ ଯାଇଥିଲେ, ସେତେବେଳେ ସେମାନେ କେବଳ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ । ଏହା ନିର୍ବିବାଦିତ ଯେ କେନ୍ଦ୍ର ସରକାର ମାଧ୍ୟମିକ ବିଦ୍ୟାଳୟକୁ ଅନୁମୋଦନ କରିନାହାଁନ୍ତି କିମ୍ବା ସେଥିରେ କୌଣସି ପଦବୀ ସୃଷ୍ଟି କରିନାହାଁନ୍ତି । ଏହା କେବଳ ପ୍ରାଥମିକ ବିଦ୍ୟାଳୟ ଏବଂ ଏହା ସହିତ ଜଡ଼ିତ ପଦବୀଗୁଡ଼ିକୁ ଅନୁମୋଦନ କରିଛନ୍ତି । ସେହି ପଦବୀଗୁଡ଼ିକ ନିୟମିତ ଭାବେ ନିଯୁକ୍ତ ଶିକ୍ଷକମାନଙ୍କ ଦ୍ୱାରା ଅଧିକୃତ ହୋଇଅଛି ।

ତେବେ ନ୍ୟାୟାଧିକରଣ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ତ୍ତମାନର ସ୍ତରରେ ବିଦ୍ୟାଳୟର କାର୍ଯ୍ୟକଳାପ ଜାରି ରଖିବା ପାଇଁ ଏହାର ଆବଶ୍ୟକତାକୁ ତୁରନ୍ତ ଆକଳନ କରନ୍ତୁ ଏବଂ ନିୟମିତ ଭାବେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପଦବୀ ସୃଷ୍ଟି କରନ୍ତୁ । ନ୍ୟାୟାଧିକରଣ ଆହୁରି ମଧ୍ୟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ଉଦ୍ଦେଶ୍ୟରେ ପ୍ରସ୍ତୁତ ହେବାକୁ ଥିବା ନିଯୁକ୍ତି ନିୟମ ଅନୁଯାୟୀ ନୂତନ ଭାବେ ସୃଷ୍ଟ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ । ଏହି ନିର୍ଦ୍ଦେଶଗୁଡ଼ିକ ବାସ୍ତବରେ ବିସ୍ମୟକର । ମାଧ୍ୟମିକ ବିଦ୍ୟାଳୟକୁ ଅନୁମୋଦନ ଦେବା, ପର୍ଯ୍ୟାପ୍ତ ସଂଖ୍ୟକ ପଦବୀ ସୃଷ୍ଟି କରିବା ଏବଂ ଏଥିପାଇଁ ନିଯୁକ୍ତି ନିୟମ ପ୍ରସ୍ତୁତ କରିବା ପରେ ପଦବୀ ପୂରଣ କରିବା ନିମନ୍ତେ ଏହା ସରକାରଙ୍କୁ ବାଧ୍ୟ କରିଛନ୍ତି । ଏପରି କୌଣସି ଆଇନ ନାହିଁ ଯାହା କେନ୍ଦ୍ର ସରକାରଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ଅନୁମୋଦନ ଦେବା ପାଇଁ ବାଧ୍ୟ

କରିବ । କେନ୍ଦ୍ର ସରକାର ଏକ ନିଷ୍ପତ୍ତି ନେଇଛନ୍ତି ଯେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଉପର ଶ୍ରେଣୀଗୁଡ଼ିକୁ ଅନୁମୋଦନ ଦେବା କିମ୍ବା ପରିଚାଳନା କରିବାରେ ଏହା ନିଜକୁ ସାମିଲ କରିବେ ନାହିଁ । ଏହା ଏକ ନୀତିଗତ ପ୍ରସଙ୍ଗ ଯେଉଁଥିରେ ଆର୍ଥିକ ଭାର ସାମିଲ ଅଛି । କୌଣସି ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ସରକାରଙ୍କୁ ବ୍ୟୟ ସମ୍ବନ୍ଧୀୟ ନୀତି ପରିବର୍ତ୍ତନ କରିବାକୁ ବାଧ କରିପାରିବେ ନାହିଁ । ତେଣୁ ନ୍ୟାୟାଧିକରଣ ନିର୍ଦ୍ଦେଶଗୁଡ଼ିକୁ ଜାରି କରିପାରିନଥାନ୍ତେ, ଯେପରି ଏହା କେନ୍ଦ୍ର ସରକାରଙ୍କୁ ବିଦ୍ୟାଳୟର ଆବଶ୍ୟକତାକୁ ଆକଳନ କରିବାକୁ ଏବଂ ଆଇନର ସମର୍ଥନ ବିନା ଆବଶ୍ୟକ ପଦବୀ ସୃଷ୍ଟି କରିବାକୁ ବାଧ କରିଥିଲେ ।

ଦ୍ୱିତୀୟତଃ, ଉତ୍ତରଦାତାମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦରମା ଦିଆଯାଉନାହିଁ । ସେମାନେ କେନ୍ଦ୍ର ସରକାରଙ୍କ ଅଧୀନରେ କୌଣସି ପଦବୀରେ ନିଯୁକ୍ତ ହୋଇନାହାନ୍ତି । କେନ୍ଦ୍ର ସରକାର ଏବଂ ଉତ୍ତରଦାତାମାନଙ୍କ ମଧ୍ୟରେ କୌଣସି ମାଲିକ ଏବଂ ସେବକ ସମ୍ପର୍କ ନାହିଁ । ଉତ୍ତରଦାତାମାନେ ମାଧ୍ୟମିକ ବିଦ୍ୟାଳୟରେ ଗୋଳାବାରୁଦ କାରଖାନାର ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ସ୍ଥାନୀୟ ବ୍ୟବସ୍ଥା ଦ୍ୱାରା ନିଯୁକ୍ତ ହୋଇଛନ୍ତି । ସ୍ଥାନୀୟ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ଏପରି ବ୍ୟବସ୍ଥା ପ୍ରତି କେନ୍ଦ୍ର ସରକାର କିପରି ଉତ୍ତରଦାୟୀ ଅଟନ୍ତି ତାହା ପ୍ରମାଣିତ ହୋଇନାହିଁ ।

ତୃତୀୟତଃ, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 ର ଧାରା 14 ମଧ୍ୟ ନ୍ୟାୟାଧିକରଣଙ୍କୁ ଉତ୍ତରଦାତାମାନଙ୍କ ପରି କର୍ମଚାରୀମାନଙ୍କ ସେବା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ପଦକ୍ଷେପ ନେବା ପାଇଁ କୌଣସି କ୍ଷେତ୍ରାଧିକାର, କ୍ଷମତା କିମ୍ବା ପ୍ରାଧିକାରିତା ପ୍ରଦାନ କରେ ନାହିଁ ।

ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନେ ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ଗ୍ରହଣୀୟ ବେତନ ହାର ଦାବି କରିପାରିବେ ନାହିଁ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସେମାନଙ୍କ ସେବାକୁ ନିୟମିତ କରାଇବା ପାଇଁ ମଧ୍ୟ ଦାବି କରିପାରିବେ ନାହିଁ । ତେଣୁ ନ୍ୟାୟାଧିକରଣଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ଗ୍ରହଣ କରାଯାଇପାରିବ ନାହିଁ । ସେଗୁଡ଼ିକ ସ୍ପଷ୍ଟତଃ ନ୍ୟାୟସଙ୍ଗତ ନୁହେଁ ଏବଂ ତାହା ଆଇନଗତ ଭାବେ ପ୍ରାଧିକାରିତାହୀନ ଅଟେ ।

ଫଳସ୍ୱରୂପ, ଆମ୍ଭେ ଦେୱାନୀ ଅପିଲ ସଂଖ୍ୟା 233/1991 କୁ ମଞ୍ଜୁରୀ ଦେଉଛୁ, ଏବଂ ନ୍ୟାୟାଧିକରଣଙ୍କ ଆଦେଶକୁ ବାତିଲ କରୁଛୁ । ଦେୱାନୀ ଅପିଲ ସଂଖ୍ୟା 480/1989 କୁ ଖାରଜ କରାଯାଉଛି । ତେବେ ଏହି ମାମଲାଗୁଡ଼ିକର ପରିସ୍ଥିତିରେ, ଆମ୍ଭେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦେଉ ନାହୁଁ ।

ଏସ୍. ବି.

ଦେୱାନୀ ଅପିଲ ସଂଖ୍ୟା 233/91 କୁ ମଞ୍ଜୁରୀ ଦିଆଗଲା

ଏବଂ ଦେୱାନୀ ଅପିଲ ସଂଖ୍ୟା 480/89 କୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**